# OFFICE OF THE COLLECTOR AND DISTRICT MAGISTRATE, KALAHANDI, BHAWANIPATNA.

(Social Welfare)

**No.** 26 **Date.** 5/1/2019

## TENDER CALL NOTICE

Sealed item rate tenders are invited in single cover system by "**District Social Welfare Officer, Kalahandi**" from intended, reputed Printing Firms/Agencies holding GST Certificate for the following works separately. The Tender must be submitted with all requisite documents in conformity with Terms & Conditions provided in the DTCN duly self - attested all the pages. Failing which Tender is liable for rejection.

| Sl. No | Name of the Work | EMD in Rs. | Cost of Tender Paper | Time of Completion |
|---|---|---|---|---|
| 1 | 2 | 3 | 4 | 5 |
| 1 | Printing of Leaflets & Letters. | 6,000/- | 1,000/- | 4 Days |

The bid documents consisting of detailed specification, schedule of quantity and a set of terms and conditions and other necessary documents can be downloaded from the District Website i.e www.kalahandi.nic.in. The tender must be accompanied with demand draft made in favour of "DSWO Kalahandi" payable at HDFC, Bhawanipatna towards cost of Tender Paper as mentioned at Column- 4.

Bids must be accompanied with required EMD of as mentioned at column-3 in shape of demand draft pledged in favour of "DSWO Kalahandi" payable at HDFC, Bhawanipatna. The bid without EMD shall not be considered for acceptance and is liable for rejection.

The bid documents can be downloaded from District website i.e www.kalahandi.nic.in from 06.01.2019 to 12.01.2019 and will be received up to 12.01.2019 till 5.00 PM by Speed Post or Regd. Post or in the tender box placed at DSWO office. The bids will be opened on 12.01.2019 at 6.00 P.M. in the office Chamber of Collector by the District level Tender Committee in the presence of the bidders or their authorized representatives.

The bid documents received after scheduled date and time shall not be considered. The Tender inviting Authority will not be responsible for late receipt of tenders due to postal delay or any other reasons.

The bids incomplete in any shape shall not be considered for acceptance and liable for rejection.

The Authority reserves the right to accept or reject any or all tenders/bids without assigning any reason thereof.

5/1/2019

**Collector & District Magistrate**
**Kalahandi**

**Memo No** 27 **/Date** 5/1/2019

Copy to the notice board of the Collectorate /DRDA /Sub-Collector, Bhawanipatna & Dharamgarh / DIPRO, Kalahandi for information and necessary action.

Copy to DIO, NIC, Kalahandi for uploading the tender paper in the District website from 05.01.2019 10.00 AM to 12.01.2019 till 05.00 PM.

**Collector & District Magistrate**
**Kalahandi**

# BID DOCUMENT

**FOR THE WORK PRINTING OF LEAFLET**

Under

## MISSION SHAKTI
## DSWO, KALAHANDI

BID SUBMISSION CHECK LIST **Annexure – I**

| Sl. No. | Description | Submitted (Yes/No) | Page No. |
|---|---|---|---|
| **TECHNICAL BID** | | | |
| 1 | Covering letter | | |
| 2 | GST / GSTIN Certificate | | |
| 3 | PAN Card | | |
| 4 | Tender paper cost of Rs. 1000/- in shape of DD in favour of DSWO, Kalahandi | | |
| 5 | EMD of Rs 6,000/- in Shape of DD pledged to DSWO, Kalahandi | | |
| FINANCIAL BID | | | |
| 1 | Price bid | | |

## DEFINITION

1. Printing of Leaflet on Mission Shakti.

2. Scope of work:-
   a) Printing of Leaflet on Mission Shakti and Shakti Loan.
   b) Printing of Letter of Honorable Chief Minister and BLFs.

## 3. TERMS AND CONDITIONS/ INSTRUCTION TO BIDDERS

a) The bidders can purchase bid documents on payment of Rs.1,000/- in shape of Demand Draft in favour of "DSWO, Kalahandi" payable at Bhawanipatna.

b) The bidders shall depositE.M.D of Rs.6,000/- (RupeesSixthousand) in shape of Bank Demand Draft in favour of "DSWO, Kalahandi". The E.M.D. of the successful bidder will be retained with DSWO, Kalahandi till satisfactory completion of work and refunded after payment of final bill.Bid without EMD will be rejected.

c) The bidders must be a Goods & Services Tax (GST) and PAN card holder. The bidder fails to submit GST & PAN card will summarily be rejected.

d) All biddersshall quote their rate including GST& Delivery at the ICDS project head-quarter (CDPO office)for providing services within 4 days.

e) The bidder shall quote their price for all works separately both in words &figures. If any discrepancy found in between the rate quoted in figures & words, the rate quoted in words will be treated as correct.

f) The bidders shall quote their rate in the prescribed format.

g) The assessment of quality of printing material by the tender committee. The final payment will be made on the basis of the quantity and quality of leaflet supplied as per specification.

h) The Bidder shall be responsible for providing proper/ satisfactory supplying the leaflet. The authority will not be held responsible for any breakage, damage due to fire, theft& natural calamity and by other means.

i) No part of the contract shall be sub-let without the prior written permission of DSWO.

j) The authority is not bound to accept the lowest tender and reserves the right to inspect / verify the quality of Leaflet materials as per specification. Further the undersigned reserves the right to reject any or all tenders without assigning any reasons thereof. If needed and tender committee/ authority desires a table negotiation may also be done.

k) ***The tender papers shall be received by District Social Welfare Office, Kalahandi by registered post / Speed Post & tender box in DSWO office on or before....12th. January-2019 up to 5.00 PM. The bids received after the due date & time shall not be entertained. The closed envelope containing the bid must be super scribed "TENDER FOR PRINTING OF LEAFLET of MISSION SHAKTI".***

l) ***The bidder or the representative of the bidder shall attend the opening event of the tender with all original documents /papers for verification. The tender will be opened in the office of the DSWO, Kalahandi on dated ..12th.. January-2019 at 6.00PM.***

   i. The bidders shall submit self attested photocopies of the required documents duly filled in.

   ii. Tender paper canbe obtained from DSWO, Kalahandi on payment of Rs.1,000/- in shape of Demand Draft (DD). It can also be downloaded from the district website i.e. www.Kalahandi.nic.inand can be submitted with paper cost of Rs.1,000/- in shape of DD, EMD of Rs.6,000 /- (Rupees SIX thousand) only in shape of Bank Demand Draft (DD) in favour of DSWO, Kalahandi. The cost of bid documents is non-refundable.

   iii. Copy of the GST registration certificate and copy PAN card.

***ACCEPTED THE ABOVE TERMS AND CONDITIONS FROM PRE PAGES.***

**Signature of bidder**

# SPECIFICATION FOR WORKS FOR PRINTING OF LEAFLET under MISSION SHAKTI, DSWO, KALAHANDI

| 1.PRINTING OF LEAFLET ON MISSION SHAKTI & MISSION SHAKTI LOAN | | | |
|---|---|---|---|
| Sl.No | Name of the Item | Specification | Quantity |
| 1 | Leaflet on Mission Shakti Program (attached) | Size:- A5<br><br>Paper:- 220 GSM GLOSS PAPER<br><br>Printing:- Multicolour and Both Side Printing | 3,10,000 no.s<br><br>(Per GP 1000 Copies for 310 GPs) |

| 2.PRINTING OF LETTER OF HONORABLE CHIEF MINISTER TO SELF HELF GROUP & BLFs. | | | |
|---|---|---|---|
| Sl.No | Name of the Item | Specification | Quantity |
| 1 | Letter of Honourable Chief Minister (attached) | Size:- 22 cm x 28 cm<br><br>Paper:- 3000 GSM GLOSS PAPER<br><br>Printing:- Multicolour | 20,500 no.s |

**Signature of Bidder**

# FINANCIAL BID

## Name of the Work: Printing Of Leaflet Under Mission Shakti, DSWO, Kalahandi

| 1.PRINTING OF LEAFLET ON MISSION SHAKTI & MISSION SHAKTI LOAN | | | | | |
|---|---|---|---|---|---|
| Sl.No | Name of the Item | Specification | Per Leaflet Unit Cost | Quantity | Total Amount rate quoted (Rs) |
| 1 | Leaflet on Mission Shakti Program | Size:- A5<br><br>Paper:- 220 GSM GLOSS PAPER<br><br>Printing:- Multicolour and Both Side Printing | | 3,10,000 no.s<br><br>(Per GP 1000 Copies for 310 GPs) | |
| 2.PRINTING OF LETTER OF HONORABLE CHIEF MINISTER TO SELF HELF GROUP & BLFs. | | | | | |
| 2 | Letter of Honourable Chief Minister | Size:- 22 cm x 28 cm<br><br>Paper:- 3000 GSM GLOSS PAPER<br><br>Printing:- Multicolour | | 20,500 no.s | |

Signature of Bidder

**SAMPLE COPY OF COVERING LETTER (In Bidders Letter Head)**

**To:**

**The District Social Welfare Officer,**
**Kalahandi**
**Odisha-766001**

**Sub: Submission of Bids For The Work Printing Of Leaflet Under MISSION SHAKTI.**

Sir

I, would like to submit my offer for the above said work in conformity with the detail tender call notice for favour of your consideration and acceptance.

Enclosure:-1. DTCN(Terms & Condition booklet duly signed)
2. Financial Bid
3. EMD
4. GST Certificate/PAN Card
5. DD for Rs_____ towards Tender Paper cost
6. Work experience Certificate
7. Any other documents

Yours sincerely

**(Bidder)**

ପିଠା — ମିଶନ ଶକ୍ତି — PEETHA

୨୦୦୧ ମସିହା ମାର୍ଚ୍ଚ ୮ ତାରିଖ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଶୁଭାରମ୍ଭ ହୋଇଥିବା 'ମିଶନ ଶକ୍ତି' କାର୍ଯ୍ୟକ୍ରମ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କର ମାନସ ସନ୍ତାନ । ୬ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ୭୦ ଲକ୍ଷ ମହିଳା ସଦସ୍ୟା ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇପାରିଛନ୍ତି । ଓଡିଶାର ମହିଳାମାନଙ୍କୁ ସଶକ୍ତ କରାଇବାରେ 'ମିଶନ ଶକ୍ତି' ରାଜ୍ୟରେ ଏକ ନୀରବ ବିପ୍ଳବର ରୂପ ନେଇଛି ।

ଗୋଷ୍ଠୀମାନେ ବିଭିନ୍ନ ପାରମ୍ପରିକ ଧନ୍ଦାମୂଳକ କାର୍ଯକ୍ରମ କରିବା ସହିତ ଅନ୍ୟାନ୍ୟ ଜୀବିକା ପ୍ରାଣାଳୀ ଯଥା- LED ବଲ୍‌ବ ତିଆରି, ସାନିଟାରି ନ୍ୟାପ୍‌କିନ୍ ତିଆରି, ଇଲେକ୍ଟ୍ରିକ୍ ମିଟର ରିଡିଙ୍ଗ, ବିଜୁ ଗାଁ ଗାଡି ଚାଳନା ଦାୟିତ୍ୱ, ଅଙ୍ଗନୱାଡି କେନ୍ଦ୍ରଗୁଡିକୁ ପୁଷ୍ଟିକର ଖାଦ୍ୟ (THR) ଯୋଗାଇ ଦେବା ଭଳି ଅନେକ କାର୍ଯ୍ୟକ୍ରମରେ ସାମିଲ ହୋଇପାରିଛନ୍ତି ।

ଏହି କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରାଇବା ପାଇଁ ମିଶନ ଶକ୍ତି ନିର୍ଦ୍ଦେଶାଳୟ ଗଠନ ହୋଇଅଛି । ରାଜ୍ୟ, ଜିଲ୍ଲା, ବ୍ଲକ ସ୍ତରରେ ମିଶନ ଶକ୍ତି କାର୍ଯ୍ୟ ନିମନ୍ତେ ସ୍ୱତନ୍ତ୍ର କର୍ମଚାରୀ କାର୍ଯ୍ୟରତ ଅଛନ୍ତି ।

**ଓଡିଶା ସରକାର, ରାଜ୍ୟର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ପାଇଁ ବହୁମୁଖୀ ସହାୟତା ପ୍ରଦାନ କରୁଛନ୍ତି ।**

- ଏପ୍ରିଲ ୨୦୧୭ ପୂର୍ବରୁ ଏବଂ ପରେ ଗଠିତ ହୋଇଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଯେଉଁମାନେ ଅଦ୍ୟାବଧି କୌଣସି ସରକାରୀ ଆର୍ଥିକ ସହାୟତା ପାଇନାହାନ୍ତି, ସେହି ଗୋଷ୍ଠୀମାନଙ୍କୁ ୧୫,୦୦୦/- ଟଙ୍କାର ସିଡ୍ ମନି (Seed Money) ସହାୟତା ପ୍ରଦାନର ବ୍ୟବସ୍ଥା ।

  Seed Money ସହାୟତା ଗୋଷ୍ଠୀ ମାନଙ୍କୁ ବ୍ୟାଙ୍କରୁ ଋଣ ପାଇବାରେ ସହାୟକ ହେବ ।
- ମିଶନ ଶକ୍ତି ଋଣ ଯୋଜନା ଅଧୀନରେ ଗୋଷ୍ଠୀମାନେ ନିୟମିତ ବ୍ୟାଙ୍କ ଋଣ ପରିଶୋଧ କରି ଏକାଧିକ ବାର ଋଣ ନେଇ ପ୍ରତିଥର ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ବାର୍ଷିକ ୧% ସୁଧରେ ପରିଶୋଧ କରି ପାରିବେ ।
- ଡିଜିଟାଲ ସଶକ୍ତିକରଣ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୨୦୧୭ ପୂର୍ବରୁ ଗଠିତ ହୋଇଥିବା ପ୍ରତି ଗୋଷ୍ଠୀକୁ ୩୦୦୦ ଟଙ୍କା ଓ ପରବର୍ତ୍ତୀ ପର୍ଯ୍ୟାୟରେ ଏପ୍ରିଲ ୨୦୧୭ ପରେ ଗଠିତ ହୋଇଥିବା ପ୍ରତି ଗୋଷ୍ଠୀକୁ ୩୦୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ଯାହାକି ସ୍ମାର୍ଟଫୋନ କିଣିବାରେ ଉପଯୋଗୀ ହେବା ସହିତ ସେମାନଙ୍କର ଦକ୍ଷତା ବୃଦ୍ଧିରେ ସହାୟକ ହେବ । ଗୋଷ୍ଠୀମାନେ ମିଶନ ଶକ୍ତିର ବିଭିନ୍ନ କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ ସରକାରୀ ଯୋଜନା ବିଷୟରେ ତ୍ୱରିତ ସୂଚନା ସହ ଯୋଜନାଗୁଡିକର ସୁଫଳ ପାଇବା ଦିଗରେ ସକ୍ଷମ ହୋଇପାରିବେ ।
- ମହିଳା ଉତ୍ପାଦକ ଗୋଷ୍ଠୀ (PG) ଓ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସମ୍ଭାବ୍ୟ ଆର୍ଥିକ ସହାୟତା ଯୋଗାଇବା ଉଦ୍ଦେଶ୍ୟରେ ପ୍ରତି ବ୍ଲକ ସ୍ତରୀୟ ମହାସଂଘ ନିମନ୍ତେ ୨୫ ଲକ୍ଷ ଟଙ୍କାର ସହାୟତା ପାଣ୍ଠି ପ୍ରଦାନର ବ୍ୟବସ୍ଥା ।
- ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ମିଶନ ଶକ୍ତି ଗୃହ ନିର୍ମାଣ କରାଯାଉଅଛି ।

**ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କ ପାଇଁ ନିମ୍ନଲିଖିତ ରୋଜଗାର ଭିତ୍ତିକ ତାଲିମ ପ୍ରଦାନ ବ୍ୟବସ୍ଥା କରାଯାଉଛି ।**

- ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ମାଧ୍ୟମରେ ଗ୍ରାମପଞ୍ଚାୟତ ପୋଖରୀରେ ମାଛ ଚାଷ ଓ ଗୋଷ୍ଠୀମାନଙ୍କ ଦ୍ୱାରା କୁକୁଡା ପାଳନ ପାଇଁ ତାଲିମ ପ୍ରଦାନ କରାଯାଉଅଛି ।
- ଓଡିଶା କୃଷି ବିଶ୍ୱବିଦ୍ୟାଳୟ (OUAT) ମାଧ୍ୟମରେ ଛତୁଚାଷ, ମହୁ ଚାଷ, ପନିପରିବା ଚାଷ, ଛେଳି ଚାଷ ଓ ଅନ୍ୟାନ୍ୟ ପଶୁପାଳନ ଏବଂ ଜୈବିକ ଖତ ପ୍ରସ୍ତୁତ ଇତ୍ୟାଦି ପ୍ରଣାଳୀର ତାଲିମ୍ ଦିଆଯାଉଅଛି ।
- ଉଦ୍ୟାନ ବିଭାଗ ମାଧ୍ୟମରେ ଛତୁ ଚାଷ, ପନିପରିବା ଚାଷ ଓ ଖାଦ୍ୟ ପ୍ରକ୍ରିୟାକରଣ (Food Processing) ପାଇଁ ତାଲିମ ଦିଆଯାଉଅଛି ।
- NIFT ମାଧ୍ୟମରେ ବିଭିନ୍ନ ଡିଜାଇନର ପୋଷାକ ପ୍ରସ୍ତୁତ ପ୍ରଣାଳୀ ପାଇଁ ତାଲିମ୍ ଦିଆଯାଉଅଛି ।
- ORMAS ମାଧ୍ୟମରେ ମହିଳା ଉତ୍ପାଦକ ଗୋଷ୍ଠୀ ଗଠନ ଓ ଉତ୍ପାଦିତ ଦ୍ରବ୍ୟର ବିକ୍ରୟ ବ୍ୟବସ୍ଥା କରାଯାଉଅଛି ।
- ରାଜ୍ୟର ବିଭିନ୍ନ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ "ମିଶନ ଶକ୍ତି ବଜାର" ସ୍ଥାପନ କରାଯିବାର ଯୋଜନା ଅଛି ।

ପିଠା

MISSION
**Shakti**
ମିଶନ ଶକ୍ତି

PEETHA

# ମିଶନ ଶକ୍ତି ଋଣ

ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ବ୍ୟାଙ୍କ ସହିତ ସଂଯୋଗୀକରଣ ଓ ଋଣ ପ୍ରଦାନ ରେ ସହାୟକ ହେବା ତଥା ବ୍ୟାଙ୍କ ଋଣ ମାଧ୍ୟମରେ ଗୋଷ୍ଠୀମାନଙ୍କର ଆର୍ଥିକ ବିକାଶ ଓ ଜୀବିକା ପ୍ରୋତ୍ସାହନ କରାଇବା ମିଶନ ଶକ୍ତିର ଏକ ପ୍ରମୁଖ କାର୍ଯ୍ୟକ୍ରମ ।

ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଉଦ୍ୟୋଗୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ସହିତ ବ୍ୟାଙ୍କ ଋଣ ଉପରେ ସୁଧ ରିହାତି ଦେବା ନିମନ୍ତେ ଓଡିଶା ସରକାର **'ମିଶନ ଶକ୍ତି ଋଣ'** ଯୋଜନା କାର୍ଯ୍ୟକାରି କରିଛନ୍ତି ।

## "ମିଶନ ଶକ୍ତି ଋଣ" ଯୋଜନାର ବୈଶିଷ୍ଟ୍ୟ :

- ରାଜ୍ୟର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କାର୍ଯ୍ୟକ୍ଷମ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏହି ଯୋଜନା ଅଧୀନରେ ଅନ୍ତର୍ଭୁକ୍ତ ।
- ୧ ଏପ୍ରିଲ ୨୦୧୫ ପରଠାରୁ ବ୍ୟାଙ୍କରୁ ଋଣ ନେଇ ନିୟମିତ କିସ୍ତି ପରିଶୋଧ କରୁଥିବା ଗୋଷ୍ଠୀ ଉକ୍ତ ଯୋଜନା ଅଧୀନରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ରାଶି ଉପରେ ବାର୍ଷିକ ୧% ସୁଧ ହାରର ସୁବିଧା ପାଇପାରିବେ ।
- ଗୋଷ୍ଠୀମାନେ ବ୍ୟାଙ୍କର ପ୍ରଚଳିତ ସୁଧ ହାରରେ ନିୟମିତ କିସ୍ତି ପରିଶୋଧ କରୁଥିଲେ, ରାଜ୍ୟ ସରକାର ବାର୍ଷିକ ୧% ସୁଧ ରାଶିରୁ ଅଧିକ ସୁଧ ରାଶି ସମ୍ପୃକ୍ତ ଗୋଷ୍ଠୀମାନଙ୍କ ବ୍ୟାଙ୍କ ଖାତା ମାଧ୍ୟମରେ ଫେରସ୍ତ କରୁଛନ୍ତି ।
- ଏହି ଯୋଜନା ଅଧୀନରେ ଗୋଷ୍ଠୀମାନେ ଋଣ ପରିଶୋଧ କରି ଏକାଧିକ ବାର ଋଣ ନେଇ, ପ୍ରତିଥର ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ବାର୍ଷିକ ୧% ସୁଧରେ ପରିଶୋଧ କରି ପାରିବେ ।
- ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନେ ବ୍ୟାଙ୍କ ଋଣ ମାଧ୍ୟମରେ ପାଉଥିବା ସୁଧ ରିହାତି ଗୋଷ୍ଠୀର ସଞ୍ଚୟ ଓ ଆୟ ବୃଦ୍ଧି ହେବାରେ ସାହାଯ୍ୟ କରୁଅଛି । ଏହାକୁ ବିନିଯୋଗ କରି ସେମାନେ ବିଭିନ୍ନ ସାମାଜିକ ଓ ଅନ୍ୟାନ୍ୟ ଅର୍ଥଉପାର୍ଜନକାରି କାର୍ଯ୍ୟକ୍ରମ ହାତକୁ ନେଇପାରୁଛନ୍ତି ।

ବି.ଦ୍ର :- ମିଶନ ଶକ୍ତି କାର୍ଯ୍ୟକ୍ରମ ମାଧ୍ୟମରେ ଯୋଗାଇଦିଆଯାଉଥିବା ବିଭିନ୍ନ ସୁବିଧା ସୁଯୋଗ, ତାଲିମ୍ ଓ ମିଶନ ଶକ୍ତି ଋଣ ବିଷୟରେ ସବିଶେଷ ସୂଚନା ପାଇଁ ନିକଟସ୍ଥ ବ୍ୟାଙ୍କ ଶାଖା ଓ ବ୍ଲକ ସ୍ତରୀୟ ICDS କାର୍ଯ୍ୟାଳୟ ଅନ୍ତର୍ଗତ ମିଶନ ଶକ୍ତି ଉପବିଭାଗ ସହିତ ଯୋଗାଯୋଗ କରିପାରିବେ ।





## ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ
## ଓଡିଶା ସରକାର

ପ୍ରାପ୍ତେଷୁ

____________________________

____________________________

ସମ୍ମାନୀୟ ମହାଶୟା,

ନମସ୍କାର । ନୂଆବର୍ଷ ୨୦୧୯ ପାଇଁ ଆପଣଙ୍କୁ ଏବଂ ଆପଣଙ୍କ ପରିବାରକୁ ମୋର ଅଭିନନ୍ଦନ । ମୁଁ ବହୁତ ଖୁସି ଯେ ଆପଣ ମିଶନ ଶକ୍ତି 'ଆନ୍ଦୋଳନ' ରେ ସାମିଲ ହୋଇଛନ୍ତି । ଆପଣଙ୍କୁ ସ୍ୱାଗତ ।

ମା ମାନଙ୍କର ଉନ୍ନତି ବିନା କୌଣସି ଦେଶ, କୌଣସି ସମାଜ ଆଗେଇ ପାରିବ ନାହିଁ। ତେଣୁ ୨୦୦୧ରେ ମୁଁ ମିଶନ ଶକ୍ତି କାର୍ଯ୍ୟକ୍ରମ ଆରମ୍ଭ କରିଥିଲି। ୧୮ ବର୍ଷ ପରେ ଆଜି ମିଶନ ଶକ୍ତି କାର୍ଯ୍ୟକ୍ରମ ଏକ ନୀରବ ବିପ୍ଳବରେ ପରିଣତ ହୋଇଛି। ମା ମାନଙ୍କ ଭିତରେ ନୂଆ ଜାଗରଣ ଆଣିଛି। ଆଜି ୭୦ ଲକ୍ଷ ମହିଳା ଓ  ୬ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀର ଏହି ବିରାଟ ପରିବାର ରାଜ୍ୟର ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନରେ ଯୋଗଦାନ ରଖିପାରିଛି।

ମା ମାନଙ୍କ କଲ୍ୟାଣ ଉପରେ ମୁଁ ସବୁବେଳେ ସ୍ୱତନ୍ତ୍ର ଧ୍ୟାନ ଦେଇଆସିଛି। ମା ମାନଙ୍କ ପାଇଁ ମମତା କାର୍ଯ୍ୟକ୍ରମ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମା ମାନଙ୍କ ପାଇଁ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ୧ ପ୍ରତିଶତ ସୁଧରେ ଋଣ ପ୍ରଦାନ ଆଦି କାର୍ଯ୍ୟକ୍ରମ ଜାରି ରହିଛି । ସେହିପରି ମା ମାନଙ୍କ digital empowerment ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ  ସହାୟତା ପ୍ରଦାନ କରାଯାଉଛି। ପ୍ରତି ପଞ୍ଚାୟତରେ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ନିଷ୍ପତ୍ତି କରାଯାଇଛି।  ଆପଣ ଜାଣନ୍ତି, ବିଜୁ ବାବୁ ମା ମାନଙ୍କ ପାଇଁ ପଞ୍ଚାୟତିରାଜ ଅନୁଷ୍ଠାନ ଓ ସରକାରୀ ଚାକିରୀରେ ୩୩ ପ୍ରତିଶତ ସଂରକ୍ଷଣ ଭଳି ଐତିହାସିକ ନିଷ୍ପତ୍ତି ନେଇଥିଲେ। ମୋ ସରକାର ବିଜୁ ବାବୁଙ୍କ କାର୍ଯ୍ୟକୁ ଆଗେଇ ନେଇଛି ଏବଂ ବର୍ତ୍ତମାନ ଆମେ ପଞ୍ଚାୟତ ଓ  ପୌରସଂସ୍ଥା ମାନଙ୍କରେ ମା ମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ୫୦ ପ୍ରତିଶତକୁ ବୃଦ୍ଧି କରିପାରିଛୁ । ନିକଟରେ ରାଜ୍ୟ ବିଧାନ ସଭା ମା ମାନଙ୍କ ପାଇଁ  ସଂସଦ ଓ ବିଧାନ ସଭାରେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ପାଇଁ ମୋର ଏକ ପ୍ରସ୍ତାବକୁ ଗ୍ରହଣ କରିଛି। ଏ ସଂପର୍କରେ ସହଯୋଗ କରିବାପାଇଁ ମୁଁ ପ୍ରଧାନମନ୍ତ୍ରୀ, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ବିଭିନ୍ନ ରାଜନୈତିକ ଦଳର ମୁଖ୍ୟ ମାନଙ୍କୁ ଅନୁରୋଧ କରିଛି।  ଆପଣଙ୍କ ଆଶୀର୍ବାଦ ଓ ସହଯୋଗରେ ଏ ପ୍ରସ୍ତାବକୁ ସାକାର ରୂପ ଦେବାପାଇଁ ମୁଁ କାମ କରିଚାଲିବି।

ମିଶନ ଶକ୍ତିର ମା ମାନଙ୍କ ସଫଳତା ମୋତେ ସବୁଠାରୁ ଅଧିକ ସନ୍ତୋଷ ଦେଇଆସିଛି। ମୁଁ ଚାହେଁ, ମିଶନ ଶକ୍ତିର ପ୍ରତ୍ୟେକ ଗୋଷ୍ଠୀ ଓ ପ୍ରତ୍ୟେକ ମହିଳା ସଫଳ ହୁଅନ୍ତୁ ଓ ସଶକ୍ତ ହୁଅନ୍ତୁ, ଏହା ମୋତେ ଅଧିକ ଖୁସି ଦେବ । ମିଶନ ଶକ୍ତି କାର୍ଯ୍ୟକ୍ରମରେ ଆପଣଙ୍କର ଯୋଗଦାନ ପାଇଁ ମୋର ବହୁତ ବହୁତ ଶୁଭ କାମନା ।  ମୋର ଅନୁରୋଧ, ଆପଣ, ଆପଣଙ୍କ ପିଲାମାନଙ୍କର ଉପଯୁକ୍ତ ଯତ୍ନ ନିଅନ୍ତୁ, ସେମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ । ତା ସହିତ ପରିମଳ ପ୍ରତି ମଧ୍ୟ ବିଶେଷ ଯତ୍ନବାନ ହୁଅନ୍ତୁ । ଆପଣ ଯେତେବେଳେ ବି ଭୁବନେଶ୍ୱର ଆସିବେ, ନବୀନ ନିବାସ ଆସି ମୋତେ ଭେଟିଲେ ମୁଁ ଖୁସି ହେବି।

ସଶକ୍ତ ମହିଳା, ସଶକ୍ତ ଓଡିଶା ।

ଧନ୍ୟବାଦ
ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ , ଓଡିଶା